# ଜିଲ୍ଲା କାର୍ଯ୍ୟାଳୟ, ଢେଙ୍କାନାଳ

(ଦେବୋତ୍ତର ବିଭାଗ)

ବିଜ୍ଞାପନ ସଂଖ୍ୟା...୧୨୨୪/ତାରିଖ...୨୮-୦୭-୨୦୨୫

## ବି ଜ୍ଞ ପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଶ୍ରୀ ଶ୍ରୀ ବଳଦେବ ଜୀଉ ବିଜେ ଢେଙ୍କାନାଳ ଟାଉନଙ୍କର ମନ୍ଦିର ପଶ୍ଚିମ ପାର୍ଶ୍ୱରେ ଥିବା ଦେବୋତ୍ତର ଗୃହକୁ ଇଚ୍ଛୁକ ବ୍ୟକ୍ତିଙ୍କୁ ତା.୧୦.୦୮.୨୦୨୫ ରିଖ ଠାରୁ ମାସିକ ଘରଭଡା ଆକାରରେ ଦିଆଯିବ । ଆଗ୍ରହୀ ବ୍ୟକ୍ତିମାନେ ବିଜ୍ଞାପନ ପ୍ରକାଶନ ତାରିଖ ଠାରୁ ତା ୦୮.୦୮ .୨୦୨୫ ରିଖ ପୂର୍ବାହ୍ନ ୧୧ ଘଟିକା ସୁଦ୍ଧା ଆବେଦନ ପତ୍ର ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରେ ଥିବା ଆବେଦନ ବାକ୍ସରେ ଦାଖଲ କରିବେ । ଆବେଦନକାରୀ ଦେବୋତ୍ତର କାର୍ଯ୍ୟାଳୟ ଢେଙ୍କାନାଳରୁ ତା ୦୭.୦୮.୨୦୨୫ ରିଖ ମଧ୍ୟରେ ଯେ କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଟ.୫୦୦/- (ପାଞ୍ଚ ଶହ ଟଙ୍କା) ମାତ୍ର ଦାଖଲ ଦେଇ ଆବେଦନ ପତ୍ର କ୍ରୟ କରିପାରିବେ । ଏହି ଦୋକାନ ପାଇଁ ଜଉମୁଦ ଦିଆ ଲଫାପାରେ ଆବେଦନ କରିବେ। ଧାର୍ଯ୍ୟ ଫର୍ମ ସଠିକ ଭାବରେ ପୁରଣ କରି ଗୃହ ପାଇଁ ସର୍ବାଧିକ କେତେ ଟଙ୍କା ଅମାନତ ଆକାରରେ ଦାଖଲ କରିବେ, ସେହି ଅର୍ଥ ନିର୍ବାହୀ ଅଧିକାରୀ ଦେବୋତ୍ତର, ଢେଙ୍କାନାଳ (Executive Officer, Debottar, Dhenkanal) ଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ସଂଲଗ୍ନ କରି ଆଧାର କାର୍ଡ ର ନକଲ ସଂଯୁକ୍ତ କରି ଧାର୍ଯ୍ୟ ଦିବସ ତା ୦୮.୦୮.୨୦୨୫ ରିଖ ପୂର୍ବାହ୍ନ ୧୧ ଘଣ୍ଟା ସୁଦ୍ଧା ଧାର୍ଯ୍ୟ ବାକ୍ସରେ ଦାଖଲ ଦେବେ ।

ଦାଖଲ ଦେଇଥିବା ସମସ୍ତ ଆବେଦନ ସେହି ଦିନ ଅର୍ଥାତ ତା ୦୮.୦୮ .୨୦୨୫ ରିଖ ଦିବା ୧୨ ଘଣ୍ଟା ସମୟରେ ଖୋଲାଯିବ । ସମସ୍ତ ଆବେଦନକାରୀ ଖୋଲାଯିବା ସମୟରେ ଉପସ୍ଥିତ ରହିବା ପାଇଁ ଜଣାଇ ଦିଆଗଲା । ଉପରୋକ୍ତ ଆବେଦନ ସଂପର୍କୀୟ ସବିଶେଷ ବିବରଣୀ ଓ ସର୍ତ୍ତାବଳୀ ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରୁ କାର୍ଯ୍ୟାଳୟ ସମୟ ମଧ୍ୟରେ ଉପଲବ୍ଧ ହେବ । ସର୍ତ୍ତାବଳୀରେ ଆବେଦନକାରୀ ସହମତ ବୋଲି ପ୍ରତି ପୃଷ୍ଠାରେ ସ୍ୱାକ୍ଷର କରି ଜଉମୁଦ ଦେଇ ଧାର୍ଯ୍ୟ ବାକ୍ସରେ ଦାଖଲ ଦେବେ । କୌଣସି କାରଣ ନ ଦର୍ଶାୟୀ ସମସ୍ତ ଆବେଦନ ଖାରଜ/ନାକଚ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କ ରହିଛି। ସର୍ତ୍ତମୂଳକ ଆବେଦନ ଗ୍ରହଣ ଯୋଗ୍ୟ ହେବ ନାହିଁ ।

BGarnaik
28-07-2025

ଉପ-ଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ,
ଦେବୋତ୍ତର, ଢେଙ୍କାନାଳ

ପରିପତ୍ର ସଂଖ୍ୟା...୧୨୩୦/ତାରିଖ...୨୮-୦୭-୨୦୨୫

ଏହାର ନକଲ ସଂପାଦକ ଦୈନିକ " ସମ୍ବାଦ " "ଏବଂ" ପ୍ରମେୟ "ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲା କି ସେ ଉକ୍ତ ବିଜ୍ଞାପନଟିକୁ ଗୋଟିଏ ଦିନ ପ୍ରକାଶ କରିବେ । ପ୍ରକାଶନ ବ୍ୟୟ ଟ.୧୨,୦୦୦/- (ବାର ହଜାର ଟଙ୍କା) ମାତ୍ର ସୀମିତ ରଖିବାକୁ ଅନୁରୋଧ ।

BGarnaik
28-07-2025

ଉପ-ଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ,
ଦେବୋତ୍ତର, ଢେଙ୍କାନାଳ

ପରିପତ୍ର ସଂଖ୍ୟା...୧୨୩୧/ତାରିଖ...୨୮-୦୭-୨୦୨୫

ଏହାର ନକଲ ଜିଲ୍ଲା କାର୍ଯ୍ୟାଳୟ, ଢେଙ୍କାନାଳ, ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ଢେଙ୍କାନାଳ, ତହସିଲ କାର୍ଯ୍ୟାଳୟ, ଢେଙ୍କାନାଳ, ଗୋଷ୍ଠି ଉନ୍ନୟନ ଅଧିକାରୀ, ସଦର, ପୌର କାର୍ଯ୍ୟାଳୟ, ଢେଙ୍କାନାଳ/ ଜିମାଦାର, ଶ୍ରୀ ଶ୍ରୀ ବଳଦେବ ଜୀଉ ବିଜେ ଢେଙ୍କାନାଳ ମନ୍ଦିରଙ୍କ ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ଲଗାଗଲା ।

BGarnaik
28-07-2025

ଉପ-ଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ,
ଦେବୋତ୍ତର, ଢେଙ୍କାନାଳ

Scanned with OKEN Scanner

ପରିପତ୍ର ସଂଖ୍ୟା...୧୨୩୨.../ତାରିଖ...୨୮-୦୭-୨୦୨୫

ଏହାର ପ୍ରତିଲିପି ରାଷ୍ଟ୍ରିୟ ସୂଚନା ବିଜ୍ଞାନ କେନ୍ଦ୍ର ଅଧିକାରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲାକି ସେ ଏହି ବିଜ୍ଞାପନଟିକୁ ୱେବ ସାଇଡରେ ଛାଡି ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ବ୍ୟବସ୍ଥା କରାଇବେ ।

BGpmaik
28-07-2025

ଉପ-ଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ,
ଦେବୋତ୍ତର, ଢେଙ୍କାନାଳ

28.7.25

ପରିପତ୍ର ସଂଖ୍ୟା...୧୨୩୩.../ତାରିଖ...୨୮-୦୭-୨୦୨୫

ଏହାର ନକଲ ଅତିରିକ୍ତ ନିର୍ବାହୀ ଅଧିକାରୀ, ଦେବୋତ୍ତର ଢେଙ୍କାନାଳ ଏବଂ ଦେବୋତ୍ତର ନିରୀକ୍ଷକ ସଦରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

BGpmaik
28-07-2025

ଉପ-ଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ,
ଦେବୋତ୍ତର, ଢେଙ୍କାନାଳ

28.7.25

Scanned with OKEN Scanner